ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୦ ସେପ୍ଟେମ୍ବର, ୨୦୨୩



## ଆଜି କ'ଣ କେଉଁଠି

ଧର୍ମଶାଳା

- ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ– ପ୍ରୟାଗ କଲ୍ୟାଣ ମଣ୍ଡପ, ସମୟ ଅପରାହ୍ନ ୩ଟା ।

## ମୋ ଦଳର କାର୍ଯ୍ୟକାରିଣୀ ବୈଠକ

ବ୍ରହ୍ମବରଦା,୧୯।୯(ଯଯାତି କେଶରୀ ବେହେରା)

ରସୁଲପୁର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଖଣ୍ଡାସ ଗ୍ରାମରେ ମୋ ଦଳର କାର୍ଯ୍ୟକାରିଣୀ ବୈଠକ ଯାଜପୁର ଜିଲା ସଭାପତି ବିଜୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନବ ନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସହ ସମ୍ପାଦକ ନିମାଇଁ ଚରଣ ରାୟ ଯୋଗ ଦେଇ ମୋ ଦଳର ଆଗାମୀ କାର୍ଯ୍ୟସୂଚୀ ସମ୍ପର୍କରେ କହିଥିଲେ। ଏହି ଦଳ ବିଜୟ ଲାଭ କରି ସରକାର ପ୍ରତିଷ୍ଠା କରିବାର ପ୍ରଥମ ଦିନରେ ରାଜ୍ୟରେ ବାର୍ଦ୍ଧକ୍ୟ ଭତ୍ତା ୫୦୦ଟଙ୍କାରୁ ବୃଦ୍ଧିକରି ୨୦୦୦ଟଙ୍କା କରିବା, ଯୁବାଅବସ୍ଥାରେ ଚାଷୀଭାଇମାନଙ୍କୁ ମାସିକ ୫୦୦୦ଟଙ୍କା ସୁରକ୍ଷା ଭତ୍ତା, ଓଡ଼ିଶାକୁ ମଦମୁକ୍ତ ରାଜ୍ୟ କରିବା, ୩ ବର୍ଷମଧ୍ୟରେ ରାଜ୍ୟର ସମସ୍ତ ଅଞ୍ଚଳର ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରିବା ସହ ରାଜ୍ୟରେ ଧାନ କୁଇଣ୍ଟାଲ ପିଛା ୩୦୦୦ଟଙ୍କା ବୃଦ୍ଧି କରାଯିବ ବୋଲି କହିଥିଲେ । ଆସନ୍ତା ୧୦ଅକ୍ଟୋବର ସୁଦ୍ଧା ଜିଲା ଓ ବ୍ଲକ୍‌ସ୍ତରୀୟ କମିଟି ବିସ୍ତାର କରିବା ସହ ଯୁବ,ମହିଳା ଶକ୍ତି, ଛାତ୍ର ଗୋଷ୍ଠୀ, ଦଳିତ ସମ୍ପ୍ରଦାୟ, ସଂଖ୍ୟା ଲଘୁ ସମ୍ପ୍ରଦାୟ ଆଦିଙ୍କୁ ନେତୃତ୍ୱ ଦିଆଯିବା ନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜିଲା ସମ୍ପାଦକ ଦିଲୀପ ଶଙ୍କର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲା ସମ୍ପାଦକ ମନୋଜ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶିର କୁମାର ସାମଲ, ଲକ୍ଷ୍ମୀଧର ସାହୁ, ପଞ୍ଚାନନ ବୁଡା, ଅଭିରାମ ପାଣି, ସୁବ୍ରତ ସାହୁ, ନରହରି ଦାସ, ବୟଭ ଜେନା, ସ୍ମୃତି ରଞ୍ଜନ ଓଝା, ରଙ୍ଗାଧର ଦାସ, ପ୍ରମୁଖ ଯୋଗ ଉଦ୍‌ବୋଧନ ଦେଇଥିଲେ।

# ଶିଶୁଙ୍କୁ ପୋଷଣଯୁକ୍ତ ଖାଦ୍ୟ ପ୍ରଦାନ ପ୍ରହସନ

## ଦରଦାମ୍ ବୃଦ୍ଧି, ଚିନ୍ତାରେ ଅଙ୍ଗନୱାଡି କର୍ମୀ



ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁମାନେ ଖାଦ୍ୟ ଗ୍ରହଣ କରୁଛନ୍ତି ।

ରସୁଲପୁର,୧୯।୯(ରଞ୍ଜିତ ରାଉତ)

ଯାଜପୁର ଜିଲା ରସୁଲପୁର ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ୨୬୬ ଅଙ୍ଗନୱାଡି କେନ୍ଦ୍ର ରହିଛି । ଏହି କେନ୍ଦ୍ରରେ ପ୍ରି–ସ୍କୁଲ/ପ୍ଲେ–ସ୍କୁଲର ୩ରୁ ୬ବର୍ଷ ପର୍ଯ୍ୟନ୍ତ ୫ହଜାରରୁ ଊର୍ଦ୍ଧ୍ୱ କୋମଳମତି ଶିଶୁ କେନ୍ଦ୍ରରେ ନାମ ଲେଖାଇଛନ୍ତି । ପ୍ରତ୍ୟେକ କେନ୍ଦ୍ର ପକ୍ଷରୁ ପୋଷଣଯୁକ୍ତ ଖାଦ୍ୟ ଦେବାକୁ ସରକାରୀସ୍ତରରେ ବ୍ୟବସ୍ଥା କରାଯାଇଛି । ସକାଳୁ ଜଳଖିଆ, ମଧ୍ୟାହ୍ନରେ ଗରମ ରନ୍ଧାଖାଦ୍ୟ ଜରିଆରେ ପୋଷଣଯୁକ୍ତ ଖାଦ୍ୟ ପରିଷିବା ପାଇଁ ନିର୍ଦ୍ଦେଶ ରହିଛି । ହେଲେ ଖାଦ୍ୟ ସାମଗ୍ରୀର ଦର ଅହେତୁକ ବୃଦ୍ଧି ଯୋଗୁ ପିଲାମାନଙ୍କୁ ସକାଳ ଜଳଖିଆ, ଓ ପୋଷଣଯୁକ୍ତ ଖାଦ୍ୟ ପରିଚାଳନାକୁ ନେଇ ଅଙ୍ଗନୱାଡି କର୍ମୀମାନଙ୍କ ଚିନ୍ତା ବଢିଛି । ଅଣ୍ଡା, ପନିପରିବା, ଡାଲି, ମସଲା ଆଦିର ଦର ହୁ ହୁ ହୋଇ ବଢି ଯାଉଥିବାରୁ ଶିଶୁମାନଙ୍କୁ ପୃଷ୍ଟିକର ଖାଦ୍ୟ ପ୍ରଦାନ ବ୍ୟବସ୍ଥା କେବଳ ପ୍ରହସନ ପାଲଟିଛି । ଅଙ୍ଗନୱାଡି କେନ୍ଦ୍ରରେ ମଧ୍ୟାହ୍ନ ଭୋଜନ କେବଳ ଲୋକ ଦେଖାଣିଆ ଚାଲିଛି ବୋଲି ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ଶିଶୁମାନଙ୍କୁ ମାନସିକ, ଶାରିରୀକ ସୁସ୍ଥ ରଖିବା ସହ ରକ୍ତହୀନତା, ପୃଷ୍ଟିହୀନତା, କମ୍ ଓଜନ, ଉଚ୍ଚତା ବଢ଼ାଇବା ପାଇଁ ଶିଶୁମାନଙ୍କୁ ପୋଷଣଯୁକ୍ତ ଖାଦ୍ୟ ପ୍ରଦାନ କରିବାକୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ମାର୍ଗ ଦର୍ଶିକା ଜାରି କରାଯାଇଛି । ଏହି କ୍ରମରେ ଦେଖିଲେ କେନ୍ଦ୍ରକୁ ଆସୁଥିବା ପିଲାମାନଙ୍କୁ ସକାଳ ଜଳଖିଆରେ ଗଜାବୁଟ, ଚୁଡ଼ା ଓ ମୁଢ଼ିମୁଆଁ ପ୍ରଦାନ କରାଯାଉଛି । ମଧ୍ୟାହ୍ନ ଭୋଜନରେ ସୋମବାର ଭାତ, ଡାଲମା, ବାକି ସପ୍ତାହକୁ ୫ଦିନ ଭାତ ଓ ଅଣ୍ଡା ତରକାରୀ ପ୍ରଦାନ କରାଯିବାକୁ ଖାଦ୍ୟ ତାଲିକା ପ୍ରସ୍ତୁତ କରାଯାଇଛି । ସରକାରଙ୍କ ପକ୍ଷରୁ ମୁଣ୍ଡପିଛା ଜଳଖିଆ ପାଇଁ ଟ୨.୪୦ପ. ଓ ମଧ୍ୟାହ୍ନ ଭୋଜନ ପାଇଁ ଟ୬.୪୦ପ. ଅନୁଦାନ ମିଳୁଛି । ସରକାରଙ୍କ ପକ୍ଷରୁ ମିଳୁଥିବା ଆର୍ଥିକ ସହାୟତାରେ ଯେନତେନ ଉପାୟରେ ସକାଳ ଜଳଖିଆ ପରିଚାଳନା ହୋଇଯାଉଛି । ମାତ୍ର ଗରମ ରନ୍ଧାଖାଦ୍ୟ ପରିଚାଳନା କରିବା ଏକପ୍ରକାର ଅସମ୍ଭବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଅଣ୍ଡା ଗୋଟାକୁ ସରକାର ଟ୫.୫୦ପ. ଦେଉଥିବା ବେଳେ ବଜାର ଦର ୭ଟଙ୍କା ଓ ଡାଲି କେଜି ପ୍ରତି ୧୦୦ଟଙ୍କା ମିଳୁଥିବା ବେଳେ ବଜାର ଦର ୧୫୦ରୁ ଊର୍ଦ୍ଧ୍ୱ ରହିଛି । ତା'ଉପରେ ଆହୁରି ଦର ବଢିବାରେ ଲାଗିଛି । ମସଲା ଓ ରନ୍ଧନ ଗ୍ୟାସ ଦର ବି ବଢୁଛି । ଏଭଳି ପରିସ୍ଥିତିରେ ଅଣ୍ଡା, ରନ୍ଧନ ଗ୍ୟାସ, ମସଲା, ଡାଲି, ପନିପରିବା, ଆଳୁ ଆଦି ସାମଗ୍ରୀ କ୍ରୟ କରି ମଧ୍ୟାହ୍ନ ଭୋଜନ ପରିଚାଳନା କେମିତି କରାଯିବ ତା'ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ।

ଘରେ ରହିଥିବା ପିଲାମାନଙ୍କ ପାଇଁ ଟିଏଚ୍‌ଆର(ଟେକ୍ ହୋମ ରାଶନ) ଜରିଆରେ ଘରକୁ ଅଣ୍ଡା ଓ ଛତୁଆ ପ୍ରଦାନ କରାଯାଉଛି । ସେହି ବର୍ଗର ପିଲାମାନଙ୍କ ଘରକୁ ମୁଣ୍ଡପିଛା ୧୨ଟି ଅଣ୍ଡା ପ୍ରଦାନ କରିବାର ନିୟମ ରହିଛି । ଅଣ୍ଡାଦର ବଢି ଯାଇଥିବାରୁ କର୍ମୀମାନେ ମୁଣ୍ଡପିଛା ୧୦ଟି ଲେଖାଏ ଅଣ୍ଡା ଦେଉଛନ୍ତି । ସ୍ଥଳ ବିଶେଷରେ ୯ଟି ଲେଖାଏ ଅଣ୍ଡା ପ୍ରଦାନ କରାଯାଉଛି। ଏହାକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଅଭିଭାବକମାନେ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରୁଛନ୍ତି । ଉକ୍ତ ଅଭିଯୋଗ ସତ୍ତ୍ୱେ ଏଭଳି ଅବ୍ୟବସ୍ଥାର କୌଣସି ସମାଧାନର ସୂତ୍ର ବାହାରି ପାରୁନାହିଁ । ସରକାରୀସ୍ତରରେ ଦରଦାମ ବୃଦ୍ଧି ଅନୁସାରେ ଆର୍ଥିକରାଶି ବୃଦ୍ଧି ନ ଘଟାଇବା ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରିବ ନାହିଁ ବୋଲି ମତ ପ୍ରକାଶ ପାଇଛି । ଏହି ସମସ୍ୟାକୁ ଦୂର କରିବାକୁ ହେଲେ ଅଙ୍ଗନୱାଡି କର୍ମୀମାନଙ୍କୁ ହାତପାଣ୍ଠି ପ୍ରଦାନ କରିବାକୁ କର୍ମୀମାନେ ଦାବି କରୁଛନ୍ତି । ଖାଦ୍ୟ ସାମଗ୍ରୀର ବଜାର ଦର କମ୍‌ବେଶୀ ହେଲେ ହାତପାଣ୍ଠିରୁ ଭରଣା କରାଯାଇ ପାରିବା ସହ ସରକାରଙ୍କ ବିଧିବ୍ୟବସ୍ଥାକୁ ସୁପରିଚାଳନା କରାଯାଇ ପାରିବ ବୋଲି କର୍ମୀମାନେ ମତ ରଖିଛନ୍ତି ।

ଏ ଦିଗରେ ଅଙ୍ଗନୱାଡି ସୁପରଭାଇଜର ବିଷ୍ଣୁପ୍ରିୟା ଦାସଙ୍କୁ ପଚାରିବାରୁ ଯାହା ସରକାରୀ ବିଧି ବ୍ୟବସ୍ଥା ରହିଛି ତାକୁ ମାନି ଚାଲିବାକୁ ପଡିବ । ଦରଦାମ ବୃଦ୍ଧି ଯୋଗୁ ମଧ୍ୟାହ୍ନ ଭୋଜନ ପରିଚାଳନା, ବିଶେଷକରି ଘରକୁ ଅଣ୍ଡା ପ୍ରଦାନ ହେଉ ଅବା ମଧ୍ୟାହ୍ନ ଭୋନରେ ଅଣ୍ଡା ତରକାରୀ ପରଷିବାରେ ଅସୁବିଧା ହେଉଛି । ଏହି ସମସ୍ୟା ସମ୍ପର୍କରେ ଅଭିଭାବକମାନଙ୍କୁ ଅବଗତ କରାଇବା ପାଇଁ ମାତୃ କମିଟି ଓ ଯାଞ୍ଚ କମିଟି କର୍ମକର୍ତ୍ତାଙ୍କୁ ବସାଇ ଆଲୋଚନା କରିବାକୁ କେନ୍ଦ୍ରର କର୍ମୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବ୍ୟବସ୍ଥାରେ କିଛି ବି ପରିବର୍ତ୍ତନ କରାଇଲେ କର୍ମୀମାନେ କମିଟିରେ ଆଲୋଚନା କରି ରିଜୋଲେଶନରେ ଉଲ୍ଲେଖ କରି କରିପାରିବେ ବୋଲି ମତ ରଖିଛନ୍ତି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ହୃଷୀକେଶ



@ ସୁଦୀପ୍ତା



@ ଓମ୍



@ ଶିବପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସବୁଠି ଗଣପତିଙ୍କୁ ଆରାଧନା



ଯାଜପୁର ରୋଡ୍ ସାର୍ବଜନୀନ ଗଣେଶ ପୂଜା କମିଟି ।



ଯାଜପୁର ଟାଉନ୍



କାଳିଆପାଣି



ଯାଜପୁରରୋଡ ଚୋରଦା ଗଣେଶ ପୂଜା କମିଟି।



ଯାଜପୁର ଟାଉନ



ଚଢ଼େଇଧରା



ଜାରକା ବଜାର

# ରାଜକନିକା ବ୍ଲକ କଂଗ୍ରେସ କମିଟିର ଥାନା ଘେରାଉ

ରାଜକନିକା,୧୯।୯(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ପୋଲିସର ନିଷ୍କ୍ରିୟତା, ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ରାଜକନିକା ଅଞ୍ଚଳରେ ଦିନକୁ ଦିନ ହତ୍ୟା, ରାହାଜାନି, ଚୋରି, ଡକାୟତି, ନାରୀ ନିର୍ଯାତନା, ଅପହରଣ ଭଳି ଜଘନ୍ୟ ଘଟଣାମାନ ବଢ଼ି ଚାଲିଛି। ଶାନ୍ତ କନିକା ଆଜି ଅଶାନ୍ତ ହେଇପଡ଼ିଛି। ସାଧାରଣ ଜନତାଙ୍କ ମଧ୍ୟରେ ଦିନକୁ ଦିନ ଅଶାନ୍ତି ବଢ଼ିବାରେ ଲାଗିଛି। ସୁଧାଂଶୁ ବିଶ୍ୱାଳ ହତ୍ୟାକାଣ୍ଡର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି ଓ ରାଜକନିକାରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାର ତୁରନ୍ତ ସୁଧାର ଆଣିବା ପାଇଁ ସୋମବାର ରାଜକନିକା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ରାଜକନିକା ଥାନା ଘେରାଉ କରାଯାଇ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଥିବା ଦେଖିବାକୁ ମିଳିଛି। ମାର୍ଚ୍ଚ ୧୦ରେ ରାଜକନିକା କାଳିକାପୁର ଗାଁର ସୁଧାଂଶୁ ବିଶ୍ୱାଳଙ୍କ ଜନଗହଳିପୂର୍ଣ୍ଣ ବିଚ୍ ରାସ୍ତାରେ ଗାଡ଼ି ଅଟକାଇ ଗଳାକାଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ରାଜକନିକା ପୋଲିସର ଏତାଦୃଶ ମନୋଭାବ ଏବଂ ସନ୍ଦେହଜନକ ଭୂମିକାକୁ ନେଇ କଂଗ୍ରେସ ପୂର୍ବରୁ ଏବଂ ସୋମବାର ମଧ୍ୟ କ୍ରାଇମବ୍ରାଞ୍ଚ ତଦନ୍ତ କରିଛି। କଂଗ୍ରେସର ଦାବି ମୁତାବକ, ସୁଧାଂଶୁଙ୍କ ମା’ ପ୍ରେମଲତା ହତ୍ୟାକାଣ୍ଡ ଦିନ ଅଭିଯୁକ୍ତମାନଙ୍କ ନାମ ଦର୍ଶାଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିକରି ନଂ. ୪୦୧/୨୩ରେ ପୋଲିସ ମାମଲା ରୁଜୁକରି ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି କ୍ୱାଇଁ ଚର୍ଚ୍ଚାକରି ଛାଡ଼ି ଦେଇଛି। ଅଭିଯୁକ୍ତଙ୍କୁ ଦଣ୍ଡବିଧାନ କରିବା ପରିବର୍ତ୍ତେ ଏତଲାକାରୀ ପରିବାରକୁ ଥାନାକୁ ଡକାଇ ତତ୍କାଳୀନ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରିଆ ଓ ଆଡିସନାଲ ଏସ୍‌ପି ନିଜେ ୪ ଲକ୍ଷ ଟଙ୍କା ନିଅ ଏବଂ ହତ୍ୟାକାଣ୍ଡ ପରିବର୍ତ୍ତେ ଦୁର୍ଘଟଣାରେ ପୁଅ ମରିଛି ବୋଲି ଆଉ ଏକ ଲିଖିତ ଅଭିଯୋଗ କର, ଏହାକୁ ନେଇ କଂଗ୍ରେସ ସନ୍ଦେହ ସୃଷ୍ଟି କରିଛି। ଆଉ ଏକ ଘଟଣା ରାଜକନିକା ଥାନା ଅଞ୍ଚଳ ଦେଓଗାଁ ଗ୍ରାମର ଅଭିମନ୍ୟୁ ନାୟକଙ୍କ ୧୭ ବର୍ଷର ଝିଅ ଅଙ୍କିତାଙ୍କୁ ଛଦେଶ-କୋଠସାହି ଗ୍ରାମର ବଳରାମ ବେହେରା ଜାନୁୟାରୀ ୪ରେ


କ୍ରାଇମ୍‌ବ୍ରାଞ୍ଚ୍ ତଦନ୍ତ ଲାଗି ଏସ୍‌ଡିପିଓ କ୍ଷମା ସାଗର ପଣ୍ଡାଙ୍କୁ କଂଗ୍ରେସ ପକ୍ଷରୁ ଦାବିପତ୍ର ଦିଆଯାଉଛି।

ଅପହରଣକରି ନେଇଥିବା ନେଇ ଝିଅଙ୍କ ପରିବାର ପକ୍ଷରୁ ଅପହରଣକାରୀଙ୍କ ମୋବାଇଲ ନମ୍ବର ଦର୍ଶାଯାଇଥିବା ଏତଲା ଦିଆଯାଇଥିଲା। ଏତଲାକୁ ଭିତ୍ତିକରି ପୋଲିସ ନଂ. ୧୯/୨୦୨୩ରେ ମାମଲା ରୁଜୁ କରିଥିଲା। ହେଲେ ଅଭିଯୁକ୍ତଙ୍କ ବିରୋଧରେ ନାବାଳିକା ଅପହରଣ ମାମଲା (ପୋକ୍ସୋ ଆକ୍ଟ) ନ ଲଗାଇ ତାଙ୍କୁ ଖସାଇଦେଇଥିଲା। ଫଳରେ ଅଗଷ୍ଟ ୨୦ରେ ଅଙ୍କିତାଙ୍କ ମୃତଦେହକୁ ବେଙ୍ଗାଲୁର ସହରରୁ ଆଣି ତରବରିଆ ଭାବେ ପୋଲିସ ସହାୟତାରେ ଆଳିଠାରେ ବ୍ୟବଚ୍ଛେଦ କରାଇ ସଂସ୍କାର କରାଯିବାକୁ ନେଇ ପରିବାର ଲୋକ ଅଭିଯୋଗ କରିଥିଲେ। ତେବେ ଅପହରଣ ପରେ ଯଦି ପୋଲିସ ତା’କାର୍ଯ୍ୟ ଠିକ୍ ଭାବେ କରି ଅଭିଯୁକ୍ତଙ୍କୁ ଦଣ୍ଡବିଧାନ କରିଥାନ୍ତା ତେବେ ଆଜି ଏକ ଜୀବନ ହୁଏତ ଯାଇ ନ ଥାନ୍ତା। ଏଭଳି ଅନେକ ପ୍ରସଙ୍ଗ କରି ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗରେ ରାଜକନିକା ବ୍ଲକ କଂଗ୍ରେସ କମିଟି ସଭାପତି ମଙ୍ଗୁଳି ଚରଣ ବେହେରାଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ପିସିସି ସଭ୍ୟ ବାବୁରାମ ଜେନା, ଆଳି ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା, ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି, ସତ୍ୟପ୍ରିୟ ସାମଲ, ମୁରଲୀଧର ନାୟକ, ବିଦ୍ୟାଧର ବରଜ, ଯୁବନେତା ସତ୍ୟବ୍ରତ ପରିଡା, ରଞ୍ଜନ ସେଠୀ, ନାରୀନେତ୍ରୀ ପ୍ରମିଳା ସାହୁ, ଅଞ୍ଜନା ସାହୁ, ଧନୁର୍ଜୟ ଦାସ, କୃତ୍ତିବାସ ଦାସ, ଗୋକୁଳ ପାଣି, ସୁଶାନ୍ତ ମଲିକ, ସରପଞ୍ଚ ପ୍ରଦୀପ ମଲିକ, ସମିତିସଭ୍ୟ ଅମିତ ନାୟକ, ଦୁଷ୍ମନ୍ତ ବେହେରା, ରଞ୍ଜନ ପାଣି, ରାମଚନ୍ଦ୍ର ଦାଶ, ଅଭିରାମ ବିଶ୍ୱାଳ, ପ୍ରଦୀପ୍ତ ପଣ୍ଡା, ଖଳା ମାଝି, ଦୀପକ ରଥ ଓ ରତିକାନ୍ତ ରାଉତ ପ୍ରମୁଖ ଥାନା ଘେରାଉରେ ସାମିଲ ହୋଇଥିଲେ। ଏ ନେଇ ଏକ ଦାବିପତ୍ର ପୋଲିସ ମହାନିର୍ଦ୍ଦେଶକ, କଟକଙ୍କ ଉଦ୍ଦେଶ୍ୟରେ ରାଜକନିକା ଥାନା ଅଧିକାରୀ ଦିଲୀପ କୁମାର ଧଳଙ୍କ ଉପସ୍ଥିତିରେ ନୂତନ ଭାବେ ଯୋଗଦେଇଥିବା ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡାଙ୍କୁ ପ୍ରଦାନ କରାଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ହୃଷୀକେଶ


@ ସୁଦୀପ୍ତା


@ ଓମ୍


@ ଶିବପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


ବିରିଡ଼ି ଶଙ୍ଖାରିସାହି ଗଣେଶ ମେଢ଼।


ରଘୁନାଥପୁର ଗୋକୁଳପୁର ଗଣେଶ ପୂଜାମଣ୍ଡପ।


ଜଗତ୍‌ସିଂହପୁର ଶ୍ରୀଗଣେଶ କ୍ଲବ ମେଢ଼।


ଆଳି ଗୌଡ଼ପାଟଣା ପୂଜାମଣ୍ଡପ।


କେନ୍ଦ୍ରାପଡା ଖଡ଼ିଅଙ୍ଗରେ ବୁଢ଼ା ଗଣେଶ।


ଡେରାବିଶ


ବିରିଡି ବେହେରାସାହି ପୂଜାମଣ୍ଡପ।


ରଘୁନାଥପୁର ବଣିକ ସଂଘ ପୂଜାମଣ୍ଡପ।


ଜଗତ୍‌ସିଂହପୁର ବଡ଼ବଜାରସ୍ଥିତ ଆର୍ଯ୍ୟଭଟ୍ଟ କ୍ଲବ ମେଢ଼।


ଜଗତ୍‌ସିଂହପୁର ଏସ୍‌ଭିଏମ୍ କଲେଜ ନିକଟରେ ହୋଇଥିବା ପୂଜା।


କୁଜଙ୍ଗ ଜେଆରଡ଼ାଇ ମାର୍କେଟ କମ୍ପ୍ଲେକ୍ସ ମେଢ଼।

# ବଢ଼ାଇପାରୁନି ଜମିର ଉର୍ବରତା, ଜଳ ସଂରକ୍ଷଣ

ନୟାଗଡ଼,୧୯।୯(ଲୋକନାଥ ମିଶ୍ର)

- ଜଳ ବିଭାଜିକା କାର୍ଯ୍ୟକ୍ରମ ବଦଳାଇପାରୁନି ଜୀବନ ଜୀବିକା
- ଆତ୍ମନିର୍ଭରଶୀଳ ହୋଇପାରୁନାହାନ୍ତି ଏସ୍‌ଏଚ୍‌ଜି
- ୩ ବର୍ଷରେ ଖର୍ଚ୍ଚ ହେଲାଣି ୧୨୮୭ ଲକ୍ଷ
- ବାଟବଣା ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା

ପ୍ରାକୃତିକ ସମ୍ବଳର ସ୍ଥାୟୀ ଉପଯୋଗ, ସୁପରିଚାଳନା, ସଂରକ୍ଷଣ ତଥା ଜଳବିଭାଜିକା ଅଞ୍ଚଳରେ ଗରିବ ଅଧିବାସୀମାନଙ୍କୁ ସ୍ଥାୟୀ ଜୀବିକାର ପନ୍ଥା ଯୋଗାଇଦେବାକୁ ଜଳ ବିଭାଜିକା ପରିଚାଳନା କାର୍ଯ୍ୟକ୍ରମ ନୟାଗଡ଼ ଜିଲାରେ କାର୍ଯ୍ୟକାରୀ ହେଉଛି। ତେବେ ଜଳ ବିଭାଜିକା ପରିଚାଳନା କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଥିବା ବାସିନ୍ଦାଙ୍କର ଜୀବନ ଜୀବିକା ବଦଳାଇପାରୁନାହିଁ। ଏପରିକି ଜମିର ଉର୍ବରତା ବଢ଼ାଇପାରୁନାହିଁ କି ମୃତ୍ତିକାରେ ଜଳ ସଂରକ୍ଷଣ ବୃଦ୍ଧି କରାଇପାରୁନାହିଁ ବୋଲି ଅଭିଯୋଗ ହୋଇଆସୁଛି। ସେହିଭଳି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କୁ ଆତ୍ମନିର୍ଭରଶୀଳ କରାଇପାରୁନାହିଁ। ଜିଲାରେ ଏ ଯୋଜନା ୫ ବର୍ଷ ପାଇଁ କାର୍ଯ୍ୟକାରୀ ହେଉଥିବାବେଳେ ୩ ବର୍ଷ ଭିତରେ୧୨୮୭ ଲକ୍ଷ ୯୧ ହଜାର ୧୮ ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି। ଯୋଜନା ପରିଚାଳନାରେ କେଉଁଠି ନାଁ କେଉଁଠି ତ୍ରୁଟି ଅଥବା ଅନିୟମିତତା ଏହାକୁ ବାଟବଣା କରି ଚାଲିଛି। ଏଣୁ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ୨.୦ ରେ ଚାଲିଥିବା ଜଳ ବିଭାଜିକା ପରିଚାଳନା କାର୍ଯ୍ୟକ୍ରମରୁ ସୁଫଳ ମିଳୁନି ବୋଲି ଅଭିଯୋଗ ଆସୁଛି।

ଜିଲାରେ ଏଣୁ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ୨.୦ ମାଧ୍ୟମରେ ଦଶପଲ୍ଲା, ଓଡ଼ଗାଁ ଓ ନୟାଗଡ଼ ବ୍ଲକରେ ଚାଲୁ ରହିଛି। ଦଶପଲ୍ଲା ବ୍ଲକରେ ୧୦ଟି, ଓଡ଼ଗାଁ ବ୍ଲକରେ ୭ଟି ଓ ନୟାଗଡ଼ ବ୍ଲକରେ ୧୧ଟି ଅଣୁ ଜଳ ବିଭାଜିକା ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ପ୍ରାକୃତିକ ସମ୍ବଳର ସ୍ଥାୟୀ ଉପଯୋଗ, ସୁପରିଚାଳନା, ସଂରକ୍ଷଣ ତଥା ଜଳ ବିଭାଜିକା ଅଞ୍ଚଳରେ ଗରିବ ଅଧିବାସୀମାନଙ୍କୁ ସ୍ଥାୟୀ ଜୀବିକାର ପନ୍ଥା ଯୋଗାଇଦେବାକୁ ଜଳ ବିଭାଜିକା ପରିଚାଳନା କାର୍ଯ୍ୟକ୍ରମକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ମୃତ୍ତିକା, ଜଳ ସଂରକ୍ଷଣ ସହ ଜମିର ଉର୍ବରତା ବୃଦ୍ଧି ଏବଂ ଉକ୍ତ ଅଞ୍ଚଳର ଜନସାଧାରଣଙ୍କର ଜୀବିକାର ଉନ୍ନତି ସାଧନ କରୁଛି ବୋଲି ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗ ପକ୍ଷରୁ ଡିଣ୍ଡିମ ପିଟାଯାଉଛି। ଏପରି ଏହି କାର୍ଯ୍ୟକ୍ରମରେ ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ୭ କୋଟି ୫୧ ଲକ୍ଷ ୨୯ ହଜାର ୧୮ ଟଙ୍କା ଖର୍ଚ୍ଚ ହୋଇ ସାରିଛି। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷରେ ୫କୋଟି ୩୬ ଲକ୍ଷ ୬୨ ହଜାର ଅନୁରୂପ ଭାବେ ଖର୍ଚ୍ଚ ହୋଇ ସାରିଲାଣି। ଜିଲାରେ ଏ ଯୋଜନା ୨୦୨୧-୨୨ରୁ ଆରମ୍ଭ ହୋଇଛି। ୨୦୨୫-୨୬ ପର୍ଯ୍ୟନ୍ତ ଜଳ ବିଭାଜିକା ପରିଚାଳନା କାର୍ଯ୍ୟକ୍ରମ ଚାଲୁ ରହିବ। ଏଥିପାଇଁ ୩୪ କୋଟି ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ଧାର୍ଯ୍ୟ ରହିଛି।

## କମିଟି ନ ଜାଣି ଖର୍ଚ୍ଚ ଚାଲିଛି

ଜଳ ବିଭାଜିକା ଅଞ୍ଚଳରେ ବସବାସ କରୁଥିବା ଅଧିବାସୀମାନଙ୍କ ଦ୍ୱାରା ଗଠନ କରାଯାଇଥିବା ଜଳ ବିଭାଜିକା କମିଟି ମାଧ୍ୟମରେ ଜଳ ବିଭାଜିକା ପରିଚାଳନା କାର୍ଯ୍ୟକ୍ରମର ଅନୁଦାନ ରାଶି ଖର୍ଚ୍ଚ ହେଉଥିବା କୁହାଯାଉଛି। ତେବେ ଏ ଯୋଜନାରେ କେତେ ଅନୁଦାନ ଆସୁଛି, କେତେ ଖର୍ଚ୍ଚ ହେଉଛି ଅଧିକାଂଶ କମିଟି ସଦସ୍ୟ ଜାଣୁନାହାନ୍ତି ବୋଲି ଅଭିଯୋଗ ରହିଛି। ପୁଣି କମିଟି ସଦସ୍ୟ ଚୟନରେ ଅନିୟମିତତା ଅଭିଯୋଗ ରହୁଛି। ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ କ୍ଷୁଦ୍ର ବ୍ୟବସାୟିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ପାଇଁ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦିଆଯିବ ବୋଲି ମଧ୍ୟ ସରକାରୀ ଗାଇଡ୍ ଲାଇନ କହୁଛି। ତେବେ ସ୍ଥାନୀୟ ଆଗ୍ରହୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏଥିରେ ସାମିଲ କରାଯାଉ ନ ଥିବା ଅଭିଯୋଗ ଉଠୁଛି। ଏ ନେଇ ଦଶପଲ୍ଲାର ସୁଗ୍ରୀବ ପ୍ରଧାନ, ନୟାଗଡ଼ର ଭଗବାନ ନାୟକ ଓ ଓଡ଼ଗାଁର ପତିତପାବନ ସାହୁ କୁହନ୍ତି, ଜଳ ବିଭାଜିକା ପରିଚାଳନା କାର୍ଯ୍ୟକ୍ରମରେ ରାଜନୀତି ଚାଲିଛି। ନିଜର ଅନୁଗତମାନଙ୍କୁ ନେଇ ସରକାରୀ ସହାୟତାକୁ ହରିଲୁଟ୍ ଚାଲିଛି। ଯେଉଁମାନଙ୍କ ଉଦ୍ଦେଶ୍ୟରେ ଯୋଜନା କାର୍ଯ୍ୟକାରୀ ହେଉଛି ସେମାନେ କିଛି ଜାଣୁନାହାନ୍ତି। କେତେଜଣ ବିଭାଗୀୟ ଅଧିକାରୀ, କର୍ମଚାରୀ, ସ୍ଥାନୀୟ ଟାଉଟର ଓ ରାଜନେତା ଏହାର ଫାଇଦା ନେଉଛନ୍ତି। ଯୋଜନା କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ଠିକ୍ ସମୀକ୍ଷା ଅଭାବରୁ ଲୋକେ ଉପକୃତ ହୋଇପାରୁନାହାନ୍ତି। ଅଭିଯୋଗ କଲେ କିଛି ସୁଫଳ ମିଳୁନାହିଁ କହି କ୍ଷୋଭ ପ୍ରକାଶ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ହୃଷୀକେଶ



@ ସୁଦୀପ୍ତା



@ ଓମ୍



@ ଶିବପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅଗ୍ରପୂଜ୍ୟ ଗଜାନନଙ୍କ ଆବାହନ



ଖଣ୍ଡପଡ଼ାରେ ପୂଜାପାଉଥିବା ଗଣେଶ ।



ରଣପୁର ଏନ୍‌ଏସିର ପଞ୍ଚୁଦୋଳ ପଡିଆରେ ପ୍ରଗତି ଯୁବକ ସଂଘ ମଣ୍ଡପରେ ଗଣେଶ।



ନୟାଗଡ଼ ବଣିକ ସଂଘ।



ଖଣ୍ଡପଡ଼ାରେ ପୂଜା ପାଉଥିବା ଗଣେଶ ମଣ୍ମୟ ମୂର୍ତ୍ତି।



ଗୋଡିପଡା ବଣିକ ସଂଘ।





ନୟାଗଡ଼ ଦିବ୍ୟଜ୍ୟୋତି ପରିସରରେ ଗଣେଶ ପୂଜା।



ଖଣ୍ଡପଡ଼ା ଓମେନ୍ସ କଲେଜରେ ଗଣେଶ ପୂଜା।



ନୟାଗଡ଼ ଜଞ୍ଜିସାହି ମହାବୀର କ୍ଲବରେ ଗଣେଶ ପୂଜା।



ଫ୍ରେଣ୍ଡ୍ସ କ୍ଲବ ପକ୍ଷରୁ ଗଣେଶ ପୂଜା ।



ସୀତା ରାମ ଯୁଥ କ୍ଲବ ଦଶପଲ୍ଲାର ଗଣେଶଙ୍କ ପୂଜା ।



ଶରଣକୂଳ ସୁରସାହିରେ ଗଣେଶ ପୂଜା।



ରଣପୁରରେ ଗଣେଶ ପୂଜା।



ଓଡ଼ଗାଁରେ ଗଣେଶ ପୂଜା।



ନୟାଗଡ଼ ଟ୍ରକ୍ ଆସୋସିଏଶନ ପକ୍ଷରୁ ଗଣେଶ ପୂଜା।

# ପ୍ରେମ ବିବାହର ୬ ମାସ ହୋଇନି, ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

**ଦଶରଥପୁର,୧୯।୯(ମନୋଜ ପୃଷ୍ଟି)**



ମୃତ୍ୟୁଞ୍ଜୟଙ୍କ ସହ ରଶ୍ମିତା।

ପ୍ରେମ ବିବାହର ୬ ମାସ ହୋଇନାହିଁ, ହେଲେ ଯୁବତୀଙ୍କ ମୃତ୍ୟୁ ଘଟିବା ଘଟଣା ଯାଜପୁର ଜିଲା ମଙ୍ଗଳପୁର ଥାନା ଅଞ୍ଚଳର ଆଲୋଡ଼ନ ସୃଷ୍ଟି କରିଛି। ଏହା ଏକ ହତ୍ୟା ଘଟଣା ବୋଲି ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଆଲୋଚନା ଚାଲିଛି। ହେଲେ ମୃତକଙ୍କ ଶ୍ୱଶୁର ଘର ପକ୍ଷରୁ ବୋହୂ ଆତ୍ମହତ୍ୟା କରିଥିବା କୁହାଯାଉଛି । ମଙ୍ଗଳପୁର ଥାନା ପୋଲିସ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି। ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଛି । ପୋଲିସ ମୃତ ରଶ୍ମିତାଙ୍କ ସ୍ୱାମୀ ମୃତ୍ୟୁଞ୍ଜୟ ପତିଙ୍କୁ ଥାନାକୁ ଆଣି ପଚରାଉଚରା ଜାରି ରଖିଛି। ମୃତ୍ୟୁଞ୍ଜୟଙ୍କୁ ଭଲପାଇ ଘରଛାଡି ପଳାଇ ଆସିଥିବା ରଶ୍ମିତାଙ୍କ ବାପା ମଧ୍ୟ ଝିଅର ଏପରି ସନ୍ଦେହଜନକ ମୃତ୍ୟୁରେ ମଙ୍ଗଳପୁର ଥାନାରେ କେବଳ ଝିଅ ମରିଥିବା ସମ୍ପର୍କରେ ଏତାଲା କରିଛନ୍ତି। ରଶ୍ମିତାଙ୍କ ମୁହଁରେ ମାଡ ଦାଗ ସ୍ପଷ୍ଟ ପରିଲକ୍ଷିତ ହୋଇଛି । ହେଲେ ରଶ୍ମିତାଙ୍କ ବାପା ଝିଅର ମୃତ୍ୟୁ ପାଇଁ କାହାକୁ ଦାୟୀ କରି ନ ଥିବା ଥାନା ଆଇଆଇସି ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ମଙ୍ଗଳପୁର ଥାନା ଅଧୀନ ମଲିକାପୁର ପଞ୍ଚାୟତ ଦାଣ୍ଡିସାହି ଗ୍ରାମର ନାରାୟଣ ଚନ୍ଦ୍ର ପତିଙ୍କ ପୁଅ ମୃତ୍ୟୁଞ୍ଜୟ (ବବୁଲ୍) ସେହି ଗ୍ରାମର ଗୌତମ ପଣ୍ଡାଙ୍କ ଝିଅ ରଶ୍ମିତାଙ୍କୁ ଭଲପାଇ ମାତ୍ର ୬ ମାସ ତଳେ ବିବାହ କରିଥିଲେ। ମଙ୍ଗଳବାର ସକାଳେ ରଶ୍ମିତା ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି ବୋଲି ଶ୍ୱଶୁର ଘର ପକ୍ଷରୁ ଥାନାକୁ ସୂଚନା ଦିଆଯାଇଥିଲା। ଏନେଇ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା(ନଂ.୨୧/୨୦୨୩) ରୁଜୁ ଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।

# ଫେରାର ବାପା, ପୁଅ ଜେଲଗଲେ

**ବାଲିକୁଦା, ୧୯।୯(ତାପସ ସ୍ୱାଇଁ)**

ବାଲିକୁଦା ପୋଲିସ ମଙ୍ଗଳବାର ୨ ଜଣ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦୁହେଁ ହେଲେ ତଣ୍ଡିକୂଳ ପଞ୍ଚାୟତ ଶଙ୍କରସାହି ଗାଁର ଡମ୍ବରୁଧର ପରିଡ଼ା ଓ ତାଙ୍କ ପୁଅ ପ୍ରକାଶ ପରିଡ଼ା । ଉଭୟଙ୍କ ନାମରେ କଟକ ଜେଏମ୍ଏଫ୍‌ସିଙ୍କ କୋର୍ଟରେ ୧୬୦୯/୧୭ରେ ମାମଲା ରହିଥିଲା । ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା କରି ସେମାନେ ଫେରାର ଥିଲେ। ଏନେଇ କୋର୍ଟ ପକ୍ଷରୁ ଉଭୟ ବାପା ଓ ପୁଅଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ଏହାପରେ ବାଲିକୁଦା ଥାନାଧିକାରୀ ସଲିଳ ପ୍ରଧାନଙ୍କ ପରାମର୍ଶକ୍ରମେ ଏକ ପୋଲିସ ଟିମ୍ ଅଭିଯୁକ୍ତ ବାପା ଓ ପୁଅଙ୍କୁ ଗିରଫ କରି ବାଲିକୁଦା ତହସିଲଦାରଙ୍କ କୋର୍ଟରେ ହାଜିର କରାଇଥିଲା।












































See Career Appointment on every Wednesday & Saturday




Your classified advertisement published in Dharitri will be listed free in Dharitri online edition : www.dharitri.com









# ଜ୍ଞାନ, ପାଣ୍ଡିତ୍ୟ ତ୍ରଇଁ ଶିକ୍ଷକରୁ କରାଇଥିଲା ଅଧ୍ୟାପକ

## ସାରସ୍ୱତ ସାଧକ ବିନାୟକ ମିଶ୍ର ଜୟନ୍ତୀ

ନୟାଗଡ଼,୧୯।୯(ଲୋକନାଥ ମିଶ୍ର): ନୟାଗଡ଼ ଓ ଜନ୍ମଭୂମି ଶରଣକୁଳରେ ବିଶିଷ୍ଟ ସାରସ୍ୱତ ସାଧକ ପଣ୍ଡିତ ବିନାୟକ ମିଶ୍ରଙ୍କର ୧୩୦ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ପୂଜ୍ୟପୂଜା କମିଟି ଶରଣକୁଳ ପକ୍ଷରୁ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲ ସଭାଗୃହରେ ଅନୁଷ୍ଠିତ ସଭାରେ ବେଦଜ୍ଞ କିଶୋର ଚନ୍ଦ୍ର କର, ସାମାଜିକ କର୍ମୀ ମନୋରଞ୍ଜନ ଦାଶ, କଣ୍ଠଶିଳ୍ପୀ ପ୍ରଶାନ୍ତ ଦାଶ ଓ ମଞ୍ଚ ଅଭିନେତା ପ୍ରମୋଦ ସାହୁ, ସ୍କୁଲ ଅଧ୍ୟକ୍ଷ ନୀଳମାଧବ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ପଣ୍ଡିତଙ୍କର ଜୀବନୀ ଓ ସାହିତ୍ୟ କୃତୀ ଉପରେ ଟିପ୍ପଣୀ ଦେଇଥିଲେ। ସେହିଭଳି ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲରେ ଅନୁରୂପ ଭାବେ ଜୟନ୍ତୀ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ବସିରନ ବିବି, ଶିକ୍ଷକ ଶରତ ଆଚାର୍ଯ୍ୟ, ଗୋକୁଳ ଷଡଙ୍ଗୀ, ସାମାଜିକ କର୍ମୀ ଦାମୋଦର ସାହୁ, ଭାରତ ବିକାଶ ପରିଷଦ ସଭାପତି ହରେକୃଷ୍ଣ ସାହୁ, ଧୀରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପଣ୍ଡିତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ୟପକ୍ଷେ ନୟାଗଡ଼ ବ୍ଲକ ସଭାଗୃହରେ ତଥାସ୍ତୁ ପକ୍ଷରୁ ଆୟୋଜିତ ପଣ୍ଡିତ ମିଶ୍ରଙ୍କର ଜୟନ୍ତୀରେ ମୁଖ୍ୟ ଅତିଥି ରୂପେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ବସିରନ ବିବିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ନୟାଗଡ଼ ବ୍ଲକ ଚେୟାରମ୍ୟାନ କିଶୋର ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ସାହିତ୍ୟ ଏକାଡେମୀ ସଦସ୍ୟ ଅଶୋକ କୁମାର ନାୟକ ଯୋଗ ଦେଇଥିଲେ। କବିତା ପାଠ କାର୍ଯ୍ୟକ୍ରମରେ ଅତିଥି ଭାବେ କବି ଲୋକନାଥ ମିଶ୍ର, ଜିଲା ଲେଖକ ପରିଷଦର ସମ୍ପାଦକ ଶେଖ ଅବଦୁଲ ଖାଲିକ୍ ଯୋଗ ଦେଇଥିଲେ। ଗୀତିକବି ହରିଶ ପ୍ରଧାନଙ୍କୁ ବିନାୟକ ମିଶ୍ର ସାହିତ୍ୟ ସମ୍ମାନ, ତଥାସ୍ତୁ କବିତା ସମ୍ମାନ ଗୀତାଞ୍ଜଳି ମହାପାତ୍ର ଓ ହରପ୍ରିୟା ଦ୍ୱିବେଦୀ, ତଥାସ୍ତୁ ବ୍ୟଙ୍ଗ କବି ସମ୍ମାନ ପ୍ରତାପ ସାହୁ, ତଥାସ୍ତୁ ଆଦର୍ଶ ଶିକ୍ଷୟିତ୍ରୀ ସମ୍ମାନ ରୀତାରାଣି ମିଶ୍ର , ସଂଯୋଜକ ସମ୍ମାନ ଗୋପୀନାଥ ସେଠୀଙ୍କୁ ପ୍ରଦାନ କରାଯାଇଛି। ପରେ କଟକ ନର୍ମାଲ ଟ୍ରେନିଂ ସ୍କୁଲରେ ଉତ୍ତୀର୍ଣ୍ଣ ହୋଇ ୧୯୧୫ରେ ନୀଳଗିରିରେ ଡ୍ରଇଁ ଶିକ୍ଷକ ଭାବେ ଯୋଗ ଦେଇଥିଲେ। ତାଙ୍କ ପାଣ୍ଡିତ୍ୟ ତାଙ୍କୁ କୋଲକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ ରୂପେ ନିଯୁକ୍ତି ପାଇଥିଲେ । ସେ ଓଡ଼ିଆ ଭାଷାରେ ଇତିହାସ, ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଆ ସାହିତ୍ୟର ପୁରାଣତ୍ୱ, ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ, ଭାରତ ଦର୍ଶନର ପ୍ରବେଶିକା, ଓଡ଼ିଆ ସାହିତ୍ୟ ପ୍ରକାଶ ସହିତ ଇଂରାଜି ଭାଷାରେ ୩ଟି ପୁସ୍ତକ ରଚନା କରିଥିଲେ।

# ବିଦ୍ୟୁତ୍ ଖୁଣ୍ଟ, ଟ୍ରାନ୍ସଫର୍ମରରୁ ଲତା ସଫା ହେଲା

ଖଣ୍ଡପଡ଼ା,୧୯।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ପୁରୁଣା ଗଡିଆସାହି ଗ୍ରାମର ଜନବସତିକୁ ଲାଗି ଅବସ୍ଥିତ ବିଦ୍ୟୁତ୍ ଖୁଣ୍ଟ ଓ ଟ୍ରାନ୍ସଫର୍ମର ଉପରେ ଅନାବନା ଲତା ମାଡି ରହିଥିଲା, ଯାହାକି ଅଞ୍ଚଳବାସୀଙ୍କ ପାଇଁ ବିପଦର କାରଣ ପାଲଟିଥିଲା। ଗତ ୧୦ ତାରିଖରେ 'ଅବହେଳିତ ବିଦ୍ୟୁତ୍ ଟ୍ରାନ୍ସଫର୍ମର' ଶୀର୍ଷକ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ବିଭାଗ କର୍ତ୍ତୃପକ୍ଷ (ଟିପିସିଓଡିଏଲ୍)ଙ୍କ ତତ୍ପରତା ପ୍ରକାଶ ପାଇଥିଲା। ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ୍ ଖୁଣ୍ଟ ଓ ଟ୍ରାନ୍ସଫର୍ମର ଉପରେ ମାଡ଼ିଥିବା ଅନାବନା ଲତାକୁ ସଫା କରିଛନ୍ତି।











































See Career Appointment on every Wednesday & Saturday




Your classified advertisement published in Dharitri will be listed free in Dharitri online edition : www.dharitri.com









